# ତହସିଲଦାରଙ୍କ କାର୍ଯ୍ୟାଳୟ, ଜଗନ୍ନାଥପ୍ରସାଦ

ପତ୍ର ସଂଖ୍ୟା 3163 / ସଇରାତ ତା 03/10/୨୦୧୮

## ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଂଜାମ ଜିଲ୍ଲା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ତହସିଲରେ ଥିବା ସଇରାତ ଉତ୍ସଗୁଡିକ ଆଗାମୀ ୫ (ପାଁଚ) ବର୍ଷ ନିମନ୍ତେ ୨୦୧୮-୧୯ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ଦୀର୍ଘମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ୍ ନଂ, ରକବା, ଏବଂ ଦରଖାସ୍ତ ଗ୍ରହଣର ସମୟ ସୀମା ଇତ୍ୟାଦିର ସୂଚନା ଗଂଜାମ ଜିଲ୍ଲା ୱେବ୍‌ସାଇଟ୍ **http://ganjam.nic.in** ସଇରାତ ଅଧିନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବାପାଇଁ ଇଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି । ଦରଖାସ୍ତ ଗ୍ରହଣର ଶେଷ ତା ୨୨.୧୦.୨୦୧୮ ରିଖ, ତା ୦୮.୧୧.୨୦୧୮ ରିଖ ଓ ତା ୨୬.୧୧.୨୦୧୮ ରିଖ ଅଟେ ।

ତହସିଲଦାର, ଜଗନ୍ନାଥପ୍ରସାଦ

# INFORMATION OF SAIRAT SOURCES OF JAGANNATHPRASAD TAHASIL

| Sl No. | Case No | Name of the R.I. Circle | Name of the Source | Mouza | Khata No | Schedule of Land | | | Extent in Ac. | M.G.Q. In Cubic meter | E.M.D. In Rupees |
|---|---|---|---|---|---|---|---|---|---|---|---|
| | | | | | | Status | Plot No. | Kissam | | | |
| 1 | 01/18-19 | Kokalaba | Stone Quarry | Kokalaba | 778 | AAA | 1696 | Parbat | 8.000 AC | 1000 CuM | 20,351 |
| 4 | 04/18-19 | Jhadabhumi | Sand Bed | Kandarasingi | 587 | AAA | 3222<br>3119<br>3112<br>2794<br>2268 | Nadi | 29.915 | 7240 CuM | 42410 |

Tahasildar, Jagannathprasad
3/10/18

# ତହସିଲଦାରଙ୍କ କାର୍ଯ୍ୟାଳୟ ଜଗନ୍ନାଥପ୍ରସାଦ (ଗଞ୍ଜାମ)

ପତ୍ର ସଂଖ୍ୟା 3159 / ସଇରାତ          ତା 23/10/18

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୪ ତଥା ୨୦୧୬ ଅନୁଯାୟୀ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ ମୁଣ୍ଡିରେ ପଡ଼ିଥିବା ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡ଼ିକୁ ଅନୂନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ) ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ପ୍ରକାଶ ଥାଉକି ଲିଜରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସଗୁଡ଼ିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୬ ବର୍ଣ୍ଣିତ ନିର୍ଦ୍ଧାରିତ ଫର୍ମ-M ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫି ବାବଦକୁ ଟ.୧,୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାନ୍ (Head of Account 0853-Non-Ferrous Mining and Metallurgical Industries-102-Mineral concession Fess, Rents and Royalties). ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଉତ୍ସର ନାମ, ତଫସିଲ ଓ ମୌଜାର ବିବରଣୀ ସଂଲଗ୍ନ କରିବା ହେବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦେବେ ।

ଓଲଟାନ୍ତୁ ............ପୃଷ୍ଠା -

4. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ସୋଲଭେନ୍ସି ପ୍ରମାଣପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) **(ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ)** [Requisite Extent of Solvency = Minimum Guaranteed Quantity / Bank Guarantee X (Offered Additional Charge + Royalty)]

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି ର ଶତକଡା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ବନ୍ଧକକୃତ ବା Pledged ବ୍ୟାଙ୍କ ଡାପଟ ଦେବେ ।

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଆସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ତାହାଙ୍କ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମ୍ଭାର ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଲଫାପା-ବନ୍ଦ ଲଫାପାରେ ରେଜିଷ୍ଟ୍ରି-ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଲଫାପା-ବନ୍ଦ ଟେଣ୍ଡର ବାକ୍ସରେ **ତା. ୨୨/୧୦/୨୦୧୮ ରିଖ ମଧ୍ୟରେ ଦିବା ୧୦.୦୦ ଘଣ୍ଟା** ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଦାଖଲ କରିପାରିବେ ।

ଠିକଣା ତହସିଲଦାରଙ୍କ କାର୍ଯ୍ୟାଳୟ, ଜଗନ୍ନାଥପ୍ରସାଦ, ଗ୍ରାମ/ପୋଷ୍ଟ- ଜଗନ୍ନାଥପ୍ରସାଦ, ଜିଲ୍ଲା-ଗଞ୍ଜାମ (ଓଡ଼ିଶା), ପିନ -୭୬୧୧୨୧ ।

ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଓଲଟାନ୍ତୁ ............ପୃଷ୍ଠା – ୩

ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ **ତା. ୨୩/୧୦/୨୦୧୮ ରିଖ ଦିବା ୧୧ ଘଟିକା** ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ରମ୍ପ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ **ତା ୦୮/୧୧/୨୦୧୮ ରିଖ ମଧ୍ୟରେ ଦିବା ୧୦.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା** ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତିମାନେ ପୁନର୍ଯ୍ୟାମକ ନୂଆ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତରେ **ତା. ୦୯/୧୧/୨୦୧୮ ରିଖ ଦିବା ୧୧ ଘଟିକା** ସମୟରେ ଉକ୍ତମୁଦ ଖୋଲାଯାଇ ଲିଜ ନିମନ୍ତେ ଚୟନ କରାଯିବ ।

ଯଦି ପ୍ରଥମ ଓ ଦ୍ୱିତୀୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ରମ୍ପ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ **ତା ୨୬/୧୧/୨୦୧୮ ରିଖ ମଧ୍ୟରେ ଦିବା ୧୦.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା** ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତିମାନେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତରେ **ତା. ୨୭/୧୧/୨୦୧୮ ରିଖ ଦିବା ୧୧ ଘଟିକା** ସମୟରେ ଉକ୍ତମୁଦ ଖୋଲାଯାଇ ଲିଜ ନିମନ୍ତେ ଚୟନ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ରମ୍ପ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ । ସରକାର ସର୍ବନିମ୍ନ ଅତିରିକ୍ତ ଦେୟର ପରିମାଣ ଧାର୍ଯ୍ୟ କରି ନଥିବାରୁ ଜିଲ୍ଲାପାଳ ଗଞ୍ଜାମଙ୍କ ନିର୍ଦ୍ଦେଶ କ୍ରମେ ଏହି ନୋଟିସରେ ସର୍ବନିମ୍ନ ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଛି । ପରବର୍ତ୍ତୀ ସମୟରେ ସରକାରଙ୍କ ଦିଗରୁ ସର୍ବନିମ୍ନ ଅତିରିକ୍ତ ଦେୟ ଧାର୍ଯ୍ୟ କରାଗଲେ ଉକ୍ତ ଧାର୍ଯ୍ୟ ମୂଲ୍ୟ ଓ ନୋଟିସରେ ଥିବା ଅତିରିକ୍ତ ଦେୟର ପାର୍ଥକ୍ୟ ମୂଲ୍ୟକୁ ମନୋନିତ ଆବେଦନକାରୀ ଦାଖଲ କରିବାକୁ ବାଧ୍ୟ ହେବେ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ସାଧାରଣତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ପତ୍ରରେ ଜଣାଇଦିଆଯିବ । ସୂଚନା ପାଇବାର ୧୪ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମା କରିବେ । ଯଦି ମନୋନୀତ ବ୍ୟକ୍ତି ୧୪ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି, ଜିଲ୍ଲା ଖଣିଜ ପାଣ୍ଠି (District Mineral Foundation), ଏବଂ ଅତିରିକ୍ତ ଦେୟ ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ସୁଧ ରହିତ ଅମାନତ ରାଶିର ସ୍ୱତନ୍ତ୍ର ପରିମାଣ ସହ ସମାନ ହେବ । ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସ୍ଥଳବିଶେଷରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇ ପାରେ ।

**ମନୋନିତ ଆବେଦନକାରୀ ଚାରି ମାସ ମଧ୍ୟରେ Mining Plan ତଥା Environmental Clearance ଦାଖଲ କରିବା ବାଧ୍ୟତା ମୂଳକ ଅଟେ ।** ଅନ୍ୟଥା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ଲିଜ ରଦ୍ଦ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଓଲଟାନ୍ତୁ ............ପୃଷ୍ଠା - ୪

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତ ନିୟମାବଳୀ ୨୦୦୪ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ)- ୨୦୦୪ ଓ ୨୦୦୭ ର ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ୍ ପାଇଁ ଚୁକ୍ତିପତ୍ର ସମ୍ପାଦନ କରିବାକୁ ହେବ ।

ସର୍ବୋଚ୍ଚ ନିଲାମଧାରୀ ନିଲାମ ମୂଲ୍ୟର ୨ % (ଶତକଡା ଦୁଇ) ଆୟକର ବାବଦକୁ ଜମା କରିବେ । ବାଲି ନିଲାମଧାରୀ ନଦୀ ଶଯ୍ୟାରେ ୩ ମିଟର ଜଳ ସ୍ତରର ନିମ୍ନକୁ ଯାଇ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରାଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଉତ୍ତୋଳନ କରି ପାରିବେ ନାହିଁ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି ।

ତହସିଲଦାର, ଜଗନ୍ନାଥପ୍ରସାଦ

ସଂଲଗ୍ନ:-

ପରିପତ୍ର ନଂ / ତାରିଖ

ଏହାର ଅବିକଳ ନକଲ ସର୍ବସାଧାରଣଙ୍କ ଗୋଚରାର୍ଥେ ତହସିଲକାର୍ଯ୍ୟାଳୟର ନୋଟିସବୋର୍ଡ଼ରେ ପ୍ରକାଶକରାଗଲା ।

ଏହାର ଅବିକଳ ନକଲ ସର୍ବସାଧାରଣଙ୍କ ଗୋଚରାର୍ଥେ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପ୍ରକାଶନ ପାଇଁ ପଠାଯିବାସହିତ ଯେପରି ଆଗ୍ରହିବ୍ୟକ୍ତିବିଶେଷ / ଅନୁଷ୍ଠାନ ଆଦି ନିର୍ଦ୍ଧାରିତ ସମୟରେ ନିଲାମରେ ଭାଗନେବେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଗଲା ।

ଏହାର ଅବିକଳ ନକଲ ଉପ-ଜିଲ୍ଲାପାଳ, ଭଞ୍ଜନଗର / ବି.ଡି.ଓ ଜଗନ୍ନାଥପ୍ରସାଦ / ଥାନା ଅଧିକାରୀ, ଜଗନ୍ନାଥପ୍ରସାଦ, ତାରସିଂି, ଭଞ୍ଜନଗରଙ୍କ ଗୋଚରାର୍ଥେ ପଠାଯାଇ ସର୍ବସାଧାରଣଙ୍କ ଗୋଚରାର୍ଥେ ନିଜ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପ୍ରକାଶକରିବା ନିମନ୍ତେ ଅନୁରୋଧ କରାଗଲା ।

ଏହାର ଅବିକଳ ନକଲ ଜିଲ୍ଲାପାଳ, ଗଞ୍ଜାମଙ୍କ ସଦୟ ଅବଗତି ନିମନ୍ତେ ପଠାଗଲା ।

ତହସିଲଦାର, ଜଗନ୍ନାଥପ୍ରସାଦ